OFFICE OF THE TAHASILDAR
SUKRULI

Pub. 752
06/04/2026

# ତହସିଲଦାରଙ୍କ କାର୍ଯ୍ୟାଳୟ:ଶୁକୃଳି:ମୟୂରଭଞ୍ଜ

## ସର୍ବସାଧାରଣ ଇସ୍ତାହାର

**RMC CASE NO. 08/2026 (Permissive use)**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲ ବର୍ଣ୍ଣିତ ଜମିଦେଇ **ଭାରତୀୟ ରେଳ ବିଭାଗ, South Eastern Railway** ତରଫ **Dy. Chief Engineer (Con) S.E. Railway, Tatanagar** ତରଫରୁ **Badampahar** ଠାରୁ **Kendujhargarh new BG Railway Line** ନିର୍ମାଣ ନିମନ୍ତେ ଜମି ଯୋଗାଇ ଦେବାର ପ୍ରସ୍ତାବ ହୋଇଅଛି । ଯେହେତୁ ଉକ୍ତ ଜମି ସରକାରୀ **ରକ୍ଷିତ** ଖାତାରେ ଏବଂ କିସମ **ଆଡି, ଜଳପୁଟ, ନାଳ ଅଛି ତେଣୁ ଅନୁମତି ସୁତ୍ରେ ଭାରତୀୟ ରେଳ ବିଭାଗକୁ** ଜମି ଯୋଗାଇ ଦେବାର ପ୍ରସ୍ତାବରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର **ପନ୍ଦର (୧୫)** ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକୀୟ **କୋର୍ଟ ଫି** ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**ତଫସିଲ**

| ମୌଜା ଓ ଥାନା ନଂ | ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକରରେ) |
|---|---|---|---|---|
| ଘାଗି **150** | 94 (ରକ୍ଷିତ ) | 578 | **ଆଡି** | **0.0.05** |
| | | 734 | **ଜଳପୁଟ** | **0.04** |
| | | 733/1602 | **ନାଳ** | **0.10** |

ଏହାର ଏକ କିତା ନକଲ **ଘାଗି** ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉଚ୍ଚ ଧ୍ୱନି ବିସ୍ତାରକ ଯନ୍ତ୍ର ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକ କିତା ନକଲ **ସରପଞ୍ଚ ଗାଲୁସାହି ଗ୍ରାମପଞ୍ଚାୟତ**, **ରାଜସ୍ୱ ନିରିକ୍ଷକ, ହଳଦିଆ** ତାଙ୍କ ନୋଟିସ ବୋର୍ଡରେ ବିଜ୍ଞାପିତ କରିବାକୁ ପଠାଗଲା । ସେମାନଙ୍କର ମତାମତ ଯଦି ଥାଏ ତେବେ ନିର୍ଧାରିତ ତାରିଖ ମଧ୍ୟରେ ଅଭିଯୋଗ ଦାଖଲ କରିବାକୁ ଅନୁରୋଧ ।

ଏହାର ଏକ କିତା ନକଲ **ଶୁକୃଳି ତହସିଲ ଅଫିସ ନୋଟିସ** ବୋର୍ଡରେ ସର୍ବସାଧାରଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

06/04/26

**ତହସିଲଦାର, ଶୁକୃଳି**

**ପରିପତ୍ର ସଂଖ୍ୟା** 647 //ତା 06/04/2026

ଏହାର ଏକ କିତା ନକଲ **DeGM**, ମୟୂରଭଞ୍ଜ ବାରିପଦାଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା।

06/04/26

**ତହସିଲଦାର, ଶୁକୃଳି**